## କୌଡିଆମୁଣ୍ଡା ଛକ ୭୨ଘଣ୍ଟା ଶଟ୍‌ଡାଉନ

ବିନିକା, (ଡି.ଏନ୍.ଏ.): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ କୌଡିଆମୁଣ୍ଡା ଛକକୁ ଆଗାମୀ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟଡାଉନ୍ ଘୋଷଣା କରାଯାଇଛି। ଶଙ୍କରା ପଞ୍ଚାୟତର ପଡୋଶୀ କଇଁତରା ଓ ଘଣ୍ଟେପାଲି ଗ୍ରାମରେ ୭ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିବା ପରେ ଶଙ୍କରା ପଞ୍ଚାୟତର ସରପଞ୍ଚ ଆଶା ପଧାନ ସୋମବାର ଏହି ଘୋଷଣା କରିଛନ୍ତି। ଏହି ସମୟରେ ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସମସ୍ତ କାରବାର ଉପରେ କଟକଣା ଜାରୀ କରାଯାଇଛି।

**ସଂକ୍ଷେପରେ**

### ମଦ କାରବାରରେ ଭାଜପା ଯୁବମୋର୍ଚ୍ଚା ସଭାପତି ଗିରଫ

ଦେବଗଡ,୧୦।୮(ଡି.ଏନ.ଏ.): ଦେବଗଡ ଜିଲା ପୋଲିସ ସୋମବାର ରିଆମାଳ ଓ କୁଣ୍ଡେଇଗୋଲା ଥାନା ଅଞ୍ଚଳରୁ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ମଧରେ ରିଆମାଳ ବ୍ଲକ୍ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଚ୍ୟୁତାନନ୍ଦ ସାହୁ ଓରଫ ଭୀମ ସାହୁ ରହିଛନ୍ତି। ଅନ୍ୟ ୩ ଜଣ ହେଲେ ରିଆମାଳ ଡାକ୍ତରଖାନା ସମ୍ମୁଖରେ ଦୋକାନ କରିଥିବା ରାଜୁ ପ୍ରଧାନ, ଇଚ୍ଛାପୁର ଗ୍ରାମର ତୁଳଚନ୍ଦ୍ର ପ୍ରଧାନ ଓ କୁଣ୍ଡେଇଗୋଲା ପଦମପୁର ଗ୍ରାମର କାହ୍ନୁ ଚରଣ ସେଠ।

### କରୋନା ଚିକିତ୍ସା ବ୍ୟବସ୍ଥା ପରିଚାଳନାର ସ୍ଥିତି ସମୀକ୍ଷା

ସୁନ୍ଦରଗଡ,୧୦।୮(ଡି.ଏନ୍.ଏ.): ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ସୋମବାର ଦିନିକିଆ ସୁନ୍ଦରଗଡ ଗସ୍ତରେ ଆସି ଜିଲାରେ କରୋନା ଚିକିତ୍ସା ବ୍ୟବସ୍ଥା ପରିଚାଳନାର ସମୀକ୍ଷା କରିଛନ୍ତି। ସୁନ୍ଦରଗଡ ଏନ୍‌ଟିପିସି କୋଭିଡ୍ କେୟାର ହସ୍ପିଟାଲ ଓ ରାଉରକେଲା କୋଭିଡ୍ ହସ୍ପିଟାଲରେ କରୋନା ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା, ସ୍ୱାବ୍ ପରୀକ୍ଷା, ରୋଗୀଙ୍କ ଖାଦ୍ୟପେୟ ସୁବିଧା ଓ ଅନ୍ୟାନ୍ୟ ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା କଲ୍ ସେଣ୍ଟର ବୁଲି ଦେଖିଥିଲେ। ଜିଲାପାଳ ନିଖିଲ ପବନକଲ୍ୟାଣ, ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ପିଡି ଡିଆରଡିଏ ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

### କେନ୍ଦୁପତ୍ର, ଶାଳଗଣ୍ଡି ଜବତ

ରେଢାଖୋଲ,୧୦।୮ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢାଖୋଲ ବନ ବିଭାଗ ରବିବାର ରାତିରେ ଏକ ଟ୍ରକ୍ (ଓଆର ୦୯ଜି୦୧୯୮)ରୁ ୮୬୨ ବଣ୍ଡଲ କେନ୍ଦୁପତ୍ର ମୋଚିବାହାଲ ନିକଟରୁ ଜବତ କରିଛି। ଏହି ଘଟଣାରେ ମୋଚିବାହାଲର ସଚ୍ଚି ପ୍ରଧାନ (୪୫)ଙ୍କୁ ଗିରଫ କରିଛି। ସେହିପରି ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି୧୫-୮୨୭୭)ରୁ ୧୨ଟି ଶାଳଗଣ୍ଡି ମୋଚିବାହାଲ ପଞ୍ଚାୟତର ସତ୍ୟାନନ୍ଦପାଲି ନିକଟରୁ ଜବତ କରରିଛି। ଏହି ଘଟଣାରେ ସମ୍ବଲପୁର ହାଲିପାଲି ଗ୍ରାମର ଶମ୍ଭୁଚରଣ ବୁଡେକ (୬୫), ଧମା ଥାନା ସାଲେସିଂ ଗ୍ରାମର ଯଦୁ ଭୋଇ (୨୫) ଓ ଠେମରାର ନିର୍ମଳ ବେହେରା (୨୨) ଙ୍କୁ ଗିରଫ କରିଛି।

### ସ୍ତ୍ରୀଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

ରେଢାଖୋଲ,୧୦।୮(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢାଖୋଲ ଥାନା ଘୋଷରାମାଳରେ ଜଣେ ମହିଳା ରବିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ଏହି ମହିଳା ଜଣକ ହେଲେ ଗାଁର ବୁଲୁ ରାଉଳ (୩୨)ଙ୍କ ସ୍ତ୍ରୀ ଅଞ୍ଜଳି। ତେବେ ଅଞ୍ଜଳିଙ୍କ ବାପା ସୋନୁ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି ଯେ, ଜ୍ୱାଇଁଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ତାଙ୍କ ଝିଅ ଆତ୍ମହତ୍ୟା କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ବୁଲୁଙ୍କୁ ଗିରଫ କରିଛି।

# ଚାଷୀଙ୍କୁ ମିଳିନି ବୀମା କ୍ଷତିପୂରଣ

ବରଗଡ଼ ଅଫିସ୍,୧୦।୮

ବରଗଡ଼ ଜିଲାରେ ବର୍ତ୍ତମାନ ୨୦୨୦ ଖରିଫ ଚାଷକାର୍ଯ୍ୟ ଜୋର୍ ଧରିଛି। ମାତ୍ର ଏପର୍ଯ୍ୟନ୍ତ ଜିଲାର ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସୋହେଲା, ଗାଇସିଲେଟ ଏବଂ ଝାରବନ୍ଧ ବ୍ଲକର ଚାଷୀମାନେ ୨୦୧୯ ଖରିଫ ଫସଲକ୍ଷତିର ବୀମାରାଶି ପାଇ ପାରି ନାହାନ୍ତି। ଫଳରେ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ସୋମବାର ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ପରେ ପ୍ରଶାସନିକ ଅଧିକାରୀ, ବୀମା ଅଧିକାରୀମାନେ ଧାରଣାସ୍ଥଳକୁ ପହଞ୍ଚି ଏ ନେଇ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ପ୍ରାୟ ୩ଟାରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ପ୍ରକାଶ ଯେ, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗତ ୨୦୧୯ ଖରିଫ ଋତୁରେ ପଦ୍ମପୁର ଉପଖଣ୍ଡରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ଚାଷୀମାନେ ଚାଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା ପ୍ରିମିୟମ ରାଶି ଜମା କରିଥିଲେ ସୁଦ୍ଧା ବିଭିନ୍ନ ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ମିଳିଥିବାବେଳେ ସୋହେଲା, ଗାଇସିଲେଟ୍ ଏବଂ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା।

**ଜିଲାପାଳଙ୍କ ଅଫିସ ଆଗରେ ଧାରଣା**

ଝାରବନ୍ଧ ବ୍ଲକର କ୍ଷତିଗ୍ରସ୍ତ ଚାଷୀମାନେ ସେଥିରୁ ଏପର୍ଯ୍ୟନ୍ତ ବଞ୍ଚିତ ରହିଛନ୍ତି। ଏ ନେଇ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ କେବଳ ଆଶ୍ୱାସନା ଛଡ଼ା କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରତି ସେଭଳି ଅଣଦେଖା ମନୋଭାବ ପ୍ରତିବାଦରେ ସୋମବାର ସକାଳୁ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ସେମାନେ ସାମାଜିକ ଦୂରତ୍ୱ ଅବଲମ୍ବନ ସହିତ ମାସ୍କ ପିନ୍ଧି ଧାରଣାରେ ବସି ବୀମା କ୍ଷତିପୂରଣ ଦାବି କରିଥିଲେ। ଧାରଣାସ୍ଥଳକୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ବୀମା କମ୍ପାନୀର ଅଧିକାରୀମାନେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା ଏବଂ ଚାଷୀମାନେ ଧାରଣା ଜାରି ରଖିଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟରେ ବୀମା କମ୍ପାନୀର ଅଧିକାରୀମାନେ ଏକ ଚିଠି ଧରି ଧାରଣାସ୍ଥଳକୁ ପହଞ୍ଚିଥିଲେ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନିଆଯାଉଥିବା ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଓହରିଥିଲେ। ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ହେମଚନ୍ଦ୍ର ପ୍ରଧାନ, ଚୈତନ୍ୟ ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ଅଫିସ ପରିସରରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ

ଲଖନପୁର,୧୦।୮(ଡି.ଏନ୍.ଏ)

**ବାଇକ୍ ଜବତ କରି ଛାଡିଦେଲା ପୋଲିସ**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ନିୟମିତ ଜୁଆଖେଳ ହେଉଥିବା ନେଇ ଅଭିଯୋଗ ହେଉଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେକ ଜୁଆଡି ପ୍ରମୁଖ ଆୟୋଜକ ଭାବେ ରହିଛନ୍ତି। ଜୁଆ ଖେଳିବା ପାଇଁ ପଡୋଶୀ ରାଜ୍ୟ ଛତିଶଗଡ ଓ ସୁନ୍ଦରଗଡ ଜିଲାରୁ ବହୁ ବଡ ବଡ ଜୁଆଡି ଆସି କୋଟିକୋଟି ଟଙ୍କା ଖେଳୁଛନ୍ତି। ଗତ ଶନିବାର କୁମର ଗ୍ରାମ ନିକଟରୁ ପ୍ରାୟ ଦେଢ କିଲୋମିଟର ଦୂର ଜଙ୍ଗଲ ଭିତରେ ଥିବା ନୂଆମୁଡା ନାମକ ଏକ ଜଳାଶୟ ନିକଟରେ ଜୁଆଖେଳ ଚାଲିଥିଲା। ରେଙ୍ଗାଲି ଥାନା ପୋଲିସ୍ ଖବର ପାଇ ସଦଳବଳ ସେଠାରେ ଚଢାଉ କରିଥିଲା। ଏହି ସମୟରେ କେତେକ ଜୁଆଡି ପୋଲିସ୍‌କୁ ଦେଖି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପୋଲିସ୍ ଜୁଆ ଆଡ୍ଡାରୁ ଟଙ୍କା ସହ ୪ ବାଇକ୍ ଜବତ କରି ଥାନାକୁ ଆଣିଥିଲା। ପରେ ଜୁଆଡିମାନେ ପରେ ଥାନାକୁ ଆସି ପୋଲିସ୍ ସହିତ ବୁଝାମଣା କରି ବାଇକ୍ ସବୁକୁ ନେଇଯାଇଥିବା ଚର୍ଚ୍ଚା ହେଉଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେକ ରାଜନୈତିକ ଦଳର ପୂର୍ବତନ ଜନପ୍ରତିନିଧି ରହିଛନ୍ତି। ଫଳରେ ପୋଲିସ୍ ଏମାନଙ୍କୁ ଧରିବା ପାଇଁ ସାହାସ ନ କରି ନିଜର ସ୍ୱାର୍ଥ ସାଧନ କରି ଛାଡିଦେଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୋଲିସ୍‌ର କାର୍ଯ୍ୟଦକ୍ଷତା ପ୍ରତି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ରେଙ୍ଗାଲି ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି, ଜୁଆଆଡ୍ଡାରେ ଚଢାଉ କରିବା ପୂର୍ବରୁ ସମସ୍ତେ ଫେରାର୍ ହୋଇଗଲେ। କାହାରିକୁ ଧରାଯାଇନାହିଁ କି କୌଣସି ବାଇକ୍ ଜବତ ହୋଇନାହିଁ। ଜୁଆ ଆଡ୍ଡାସ୍ଥଳରୁ ୪ବାଇକ୍ ଥାନାକୁ ଅଣାଯାଇଛି ବୋଲି ଆଇଆଇସିଙ୍କୁ ପ୍ରଶ୍ନକଲାପରେ ସେ ସଫେଇ ଦେଇ କହିଛନ୍ତି, ପୋଲିସ୍ କର୍ମଚାରୀମାନେ ସେଠାକୁ ବାଇକ୍‌ରେ ଯାଇ ବାଇକ୍‌ରେ ଫେରିଥିଲେ। ସେଠାରୁ କୌଣସି ବାଇକ୍ ଜବତ କରାଯାଇନାହିଁ ବୋଲି ସେ କହିଛନ୍ତି। ଖବର ପାଇ ଥାନା ପୋଲିସ୍ ଗାଡିରେ ଆଇଆଇସି ପାଣିଗ୍ରାହୀଙ୍କ ସମେତ କେତେକ ପୋଲିସ୍ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ଏଥିପାଇଁ ଥାନାରୁ କୌଣସି କର୍ମଚାରୀ ବାଇକ୍‌ରେ ସେ ସ୍ଥାନକୁ ଯାଇ ନ ଥିବା କୁହାଯାଉଛି। ଏ ଦିଗରେ ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟିଦେଇ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ପର୍ଦ୍ଦାଫାସ୍ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶାଶୁ ସଂକ୍ରମିତ, ବୋହୂଙ୍କୁ ନିଆଗଲା କୋଭିଡ୍ ହସ୍ପିଟାଲ

ସୋନପୁର,୧୦।୮(ନି.ପ୍ର.)

- ଭିଡିଓ ଭାଇରାଲ ପରେ ତ୍ରୁଟି ସାମ୍ନାକୁ ଆସିଲା
- ଅଢ଼େଇ ଘଣ୍ଟା ଧରି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଅଟକ
- ପୋଲିସ, ମାଜିଷ୍ଟ୍ରେଟ୍‌ଙ୍କ ବୁଝାଶୁଝା ପରେ ଉତ୍ତେଜନା ଥମିଲା

ଜଣେ ବୃଦ୍ଧା ଓ ତାଙ୍କ ପୁଅ କରୋନାରେ ସଂକ୍ରମିତ ହୋଇଥିଲେ। ହେଲେ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସଂକ୍ରମିତ ଶାଶୁଙ୍କ ଛାଡି ପୁଅବୋହୂଙ୍କୁ ଜୋରଜବରଦସ୍ତ କୋଭିଡ୍ ହସ୍ପିଟାଲକୁ ନେଇ ଯାଇଥିଲେ। ଏହାକୁ ନେଇ ସୋମବାର ସୋନପୁର ସହର ପଟାଭାଡି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ଅଢେଇ ଘଣ୍ଟା ଧରି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମି ଥିଲା।

ମିଳିଥିବା ସୂଚନା ଅନୁଯାୟୀ, ପଟାଭାଡି ପଡାର ଜଣେ ଯୁବକ ଓ ତାଙ୍କ ମା' କରୋନା ସଂକ୍ରମିତ ଥିବା ରବିବାର ଜଣାପଡିଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଭୁଲବଶତଃ ଯୁବକଙ୍କ ସହିତ ତାଙ୍କ ସ୍ତ୍ରୀଙ୍କୁ ଆଣି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପଜିଟିଭ୍ ରିପୋର୍ଟ ଆସିଥିବା ଶାଶୁ ଘରେ ରହିଥିବା ବେଳେ ନେଗେଟିଭ୍ ରିପୋର୍ଟ ଥାଇ ବୋହୂଙ୍କୁ ହସ୍ପିଟାଲରେ ରହିବାକୁ ପଡିଲା। ଏ ସମ୍ପର୍କରେ ସଂକ୍ରମିତ ଯୁବକ ଜଣକ ହସ୍ପିଟାଲରୁ ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ଏହି ତ୍ରୁଟି ସାମ୍ନାକୁ ଆସିଥିଲା। ଘରେ ବାପା ଓ ଜେଜେ ମା' ଥିବାରୁ ସ୍ତ୍ରୀଙ୍କୁ ହସ୍ପିଟାଲରୁ ଛାଡି ଦେବାକୁ ଯୁବକ ଜଣକ ଭିଡ଼ିଓ ବାର୍ତ୍ତାରେ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ସେହି ଭିଡିଓ ଭାଇରାଲ ହୋଇଥିଲା। ତ୍ରୁଟି ଜଣାପଡିବା ପରେ ଶାଶୁଙ୍କୁ ଆଣିବାକୁ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସୋମବାର ପଟାଭାଡିରେ ପହଞ୍ଚ ଥିଲେ। ହେଲେ ସ୍ଥାନୀୟ ଲୋକେ ଏହାକୁ ଘୋର ବିରୋଧ କରିବା ସହ ଏପରି ତ୍ରୁଟି ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ କରିଥିଲେ। ଏପରିକି ସେମାନେ ସଂକ୍ରମିତ ବୃଦ୍ଧାଙ୍କୁ ପଡାବାସୀ ଛାଡି ନ ଥିଲେ। ଏଥିପାଇଁ ବହୁ ସମୟ ଧରି ପୋଲିସ ଓ ପ୍ରଶାସନକୁ ନାକେଦମ ହେବାକୁ ପଡିଥିଲା। ଖବର ପାଇ ପୋଲିସ ଓ ତହସିଲଦାର ଅରବିନ୍ଦ ବେହେରା(ମାଜିଷ୍ଟ୍ରେଟ୍)ସେଠାରେ ପହଞ୍ଚିଥିଲେ। ପ୍ରାୟ ଅଢେଇ ଘଣ୍ଟା ଧରି ସେମାନେ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମି ଥିଲା। ପରେ ସଂକ୍ରମିତ ବୃଦ୍ଧାଙ୍କୁ କୋଭିଡ୍ ହସ୍ପିଟାଲକୁ ନିଆଯାଇଥିଲା। ଏହା ପରେ ବି ଭୁଲ୍‌ରେ ନିଆଯାଇଥିବା ବୋହୂଙ୍କୁ କର୍ତ୍ତୃପକ୍ଷ ହସ୍ପିଟାଲ୍‌ରୁ ଛାଡି ନ ଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ବୋହୂଙ୍କୁ ସ୍ୱତନ୍ତ୍ର କକ୍ଷରେ ରଖାଯାଇଛି। ପରୀକ୍ଷା ପରେ ନେଗେଟିଭ୍ ରିପୋର୍ଟ ଆସିଲେ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ସେ କହିଛନ୍ତି। ଏପରି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତରଙ୍କୁ ଆକ୍ରମଣର ପ୍ରତିବାଦରେ କଟକ ବଡ଼ ମେଡିକାଲର ଡାକ୍ତରୀ ଛାତ୍ରମାନେ ସୋମବାର କଳାବ୍ୟାଜ୍ ପରିଧାନ କରିଛନ୍ତି।

## ବ୍ଲକ ଅଫିସ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ

ଲହୁଣୀପଡା,୧୦।୮(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅଫିସ୍ ସମ୍ମୁଖରେ ସୋମବାର ସିପିଆଇଏମ ଆଞ୍ଚଳିକ କମିଟି ଲହୁଣୀପଡା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ଲହୁଣୀପଡା ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୁର ମାହାନ୍ତ, ଗୋପନା ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ପୂର୍ବତନ ସରପଞ୍ଚ ସୁଶୀଳା ମୁଣ୍ଡା ଓ ମନ୍ତ ମାହାନ୍ତଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କରୋନା ଚିକିତ୍ସା ଆଳରେ ରୋଗୀଙ୍କୁ ଅବହେଳା ନ କରିବା, ସବୁ ପରିବାରଙ୍କୁ ୭୫୦୦ ଟଙ୍କା ଓ ମୁଣ୍ଡ ପିଛା ୧୦ କେଜି ଚାଉଳ ୬ ମାସ ପର୍ଯ୍ୟନ୍ତ ପ୍ରଦାନ, ଏମ୍‌ଜିଏନଆର୍‌ଇଜିଏସ୍‌ରେ ୨୦୦ ଦିନକୁ ବୃଦ୍ଧି କରି ସର୍ବନିମ୍ନ ମଜୁରୀ ପ୍ରଦାନ, ପଣ୍ୟ ଆଇନ ପ୍ରଚଳନ, କୃଷି ଋଣ ଛାଡ କରି ବିନା ସୁଧରେ ଋଣ ପ୍ରଦାନ, କରୋନା ଯୁଦ୍ଧରେ ସ୍କିମ୍ ୱାର୍କ୍ସଙ୍କୁ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ କରିବା ସହିତ ସମସ୍ତ ସ୍କିମ୍ ୱାର୍କ୍ସ ଓ ଆଶା କର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ବିଧାୟକ ଦାବି ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଦୁର୍ଯ୍ୟୋଧନ ମାହାନ୍ତ, ଡିଲେଶ୍ୱର ବେହେରା, ଚଳନ୍ତ ପଣ୍ଡା, ପ୍ରଦୀପ ବେହେରା, ବିନୋଦ ମାହାନ୍ତ, ବିଜୟ ପାତ୍ର, ବାବୁରାମ ମାହାନ୍ତ, ରୀନା ଭୂମିଜ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।



କର୍ମୀମାନେ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୁନାଗଡ,୧୦।୮(ଡି.ଏନ୍.ଏ.)

ଅଧିକ ଯୌତୁକ ଦାବି କରି ଚନ୍ଦ୍ରକାନ୍ତା ଶର୍ମା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା କଳାହାଣ୍ଡି ଜିଲା ଜୁନାଗଡ଼ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜୁନାଗଡ଼ ସହରର ରାଜେନ୍ଦ୍ର ଶର୍ମାଙ୍କ ଝିଅ ଚନ୍ଦ୍ରକାନ୍ତା ତା ୫।୨।୨୦୧୮ରିଖରେ ଭବାନୀପାଟଣା ପରୁଷୋତ୍ତମ ସାଗରପଡାର ରାଜେନ୍ଦ୍ର ଶର୍ମାଙ୍କ ପୁଅ ସୌରଭଙ୍କୁ ବିବାହ କରିଥିଲେ। ବିବାହ ସମୟରେ ରାଜେନ୍ଦ୍ର ନିଜ ଜମି ବିକ୍ରି କରି ନଗଦ ୫ଲକ୍ଷ ଟଙ୍କା ଓ ୮ଭରି ଓଜନର ସୁନା ଗହଣା ବରପକ୍ଷଙ୍କୁ ଦେଇଥିଲେ। ହେଲେ ଏଥିରେ ବରପକ୍ଷ ସନ୍ତୁଷ୍ଟ ହୋଇ ନ ଥିଲେ। ବିବାହର କିଛିଦିନ ପରେ ସେମାନେ ଅଧିକ ଯୌତୁକ ଦାବି କରିଥିଲେ। ଏପରି କି ସ୍ୱାମୀ ସୌରଭ,ଶ୍ୱଶୁର ରାଜେନ୍ଦ୍ର ଓ ଶାଶୁ ମଧୁ ପ୍ରମୁଖ ଚନ୍ଦ୍ରକାନ୍ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ତାଙ୍କୁ ମାଡ ମାରିବା ସହ ତାଙ୍କ ବାପା ଘର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଚନ୍ଦ୍ରକାନ୍ତା ଲିଖିତ ଅଭିଯୋଗରେ କରିଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଦର୍ଶାଇଛନ୍ତି। ମାମଲା ନଂ.୨୩୬/୨୦୨୦।

## ନୂଆଁଖାଇରେ ଶଟ୍‌ଡାଉନ୍ କୋହଳ ପାଇଁ ଅନୁରୋଧ

ଝାରସୁଗୁଡା ଅଫିସ, ୧୦।୮

ଆସନ୍ତା ୨୩ ତାରିଖ ରବିବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହିଦିନ କରୋନା ମହାମାରୀ ଲାଗି ସରକାର ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ହେଲେ ନୂଆଁଖାଇ ଦିନ ଶଟ୍‌ଡାଉନ୍ କୋହଳ କରିବା ପାଇଁ ପିଣ୍ଟୁ ପାଢ଼ୀ, ଟହଲୁ ସାହୁ, ଏସ.କେ. ସୁଭନୀଲ, ବିକ୍ରମ ମହାପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି। ଜିଲାପାଳ କହିଛନ୍ତି, ନୂଆଁଖାଇ ଓ ସ୍ୱାଧୀନତା ଦିବସରେ ଶଟ୍‌ଡାଉନ୍ କୋହଳ କରାଯିବ। ହେଲେ ସମସ୍ତେ କରୋନା କଟକଣାକୁ ମାନିବାକୁ ବାଧ୍ୟ ହେବେ।

## ବନ୍ଧରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ରେଢାଖୋଲ,୧୦।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ଚାରମାଳ ଥାନା ଅଧୀନ ବାରବାଙ୍କ ଗ୍ରାମର ସୁନୀଲ ଶବର (୨୫) ନାମକ ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ସେ ଗାଁ ବନ୍ଧକୁ ଗାଧୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ରାତିରେ ବନ୍ଧରୁ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି।

## ସ୍ଥାନୀୟ ନିଯୁକ୍ତି ଦାବିରେ ରିଲେ ଅନଶନ

ରେଙ୍ଗାଲି, ୧୦।୮ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀରେ ସ୍ଥାନୀୟ ନିଯୁକ୍ତି ଦାବିରେ କର୍ମଜୀବୀ ସଙ୍ଗଠନ ପକ୍ଷରୁ ରିଲେ ଅନଶନ ଆରମ୍ଭ କରାଯାଇଛି। ସୋମବାର କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ସକାଳ ୬ଟାରୁ ଏହି ଅନଶନ ଆରମ୍ଭ ହୋଇଛି। ପ୍ରଥମ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତଲାବିରା ଗ୍ରାମର ଭମର ଦୀପ, ଖିଣ୍ଡା ଗ୍ରାମର କିଶୋର ରୋହିଦାଶ, ତଲାବିରା ଗ୍ରାମର ଜୋସ୍ନା ଦୀପଭାଗ ନେଇଥିବା ବେଳେ ସନ୍ଧ୍ୟା ୬ଟାରୁ ମଙ୍ଗଳବାର ଦିନ ମିତ୍ରଭାନୁ ବାଗ, ରଞ୍ଜିତ ଖରସେଲ, ସୁନ୍ଦରମଣୀ ବସରା ଭାଗ ନେବେ। ପ୍ରଥମେ ସେମାନେ ସ୍ଥାନୀୟ ଜଟିଆ ପିପଲ ସ୍ଥିତ ସଙ୍ଗଠନର କାର୍ଯ୍ୟାଳୟରୁ ଏକ ରାଲିରେ ବାହାରି ଅନଶନ ସ୍ଥଳକୁ ଆସିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନଶନ ଆରମ୍ଭ କରାଯାଇଥିଲା।




କମ୍ପାନୀ ଫାଟକ ସମ୍ମୁଖରେ ଅନଶନ କରାଯାଇଛି।

# ୧୯୦୮ ଜଣଙ୍କୁ ମିଳିନି ସଙ୍ଗରୋଧ ସହାୟତା ରାଶି

ସୋନପୁର,୧୦।୮(ନି.ପ୍ର.)

**ଟିଏମ୍‌ସିରୁ ଘରକୁ ଫେରିଲେଣି ପ୍ରବାସୀ**

ସୁବର୍ଣ୍ଣପୁର ଜିଲାରେ ପ୍ରବାସୀଙ୍କୁ ସଙ୍ଗରୋଧ ସହାୟତା ରାଶି ମିଳିବାରେ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଜୁଲାଇ ୨୭ପର୍ଯ୍ୟନ୍ତ ଜିଲାରେ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର(ଟିଏମ୍‌ସି)ଗୁଡିକ କାର୍ଯ୍ୟକ୍ଷମ ଥିଲା। ପରେ ସେଗୁଡିକୁ ବନ୍ଦ କରାଯାଇଛି। ଏବେ କ୍ଲଷ୍ଟରସ୍ତରରେ ଟିଏମ୍‌ସି ଖୋଲାଯାଇଛି। ଜିଲାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ୮୮୨୦ଜଣ ପ୍ରବାସୀ ସଙ୍ଗରୋଧ ଅବଧି ପୂରଣ କରି ଘରକୁ ଫେରିଛନ୍ତି। ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୬୯୧୨ ପ୍ରବାସୀ ଶ୍ରମିକଙ୍କୁ ୨ହଜାର ଟଙ୍କା ଲେଖାଏ ସହାୟତା ରାଶି ମିଳିଛି। ଏ ବାବଦରେ ୧କୋଟି ୩୮ଲକ୍ଷ ୨୪ହଜାର ପ୍ରଦାନ କରାଯାଇଛି। ଅଢେଇ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଅନ୍ୟ ୧୯୦୮ଜଣଙ୍କୁ ଏ ପର୍ଯ୍ୟନ୍ତ ସହାୟତା ରାଶି ମିଳିନି। ନିଜ ଅଞ୍ଚଳରେ କାମ ମିଳୁ ନାହିଁ। ଅଧିକାଂଶ ପ୍ରବାସୀ ମାଟି କାମରେ ଅଭ୍ୟସ୍ତ ନ ଥିବାରୁ କର୍ମସଂସ୍ଥାନ ନ ପାଇ ହୀନସ୍ତା ହେଉଛନ୍ତି। ଏହି ପରିସ୍ଥିତିରେ ସରକାରୀ ସହାୟତାକୁ ସେମାନେ ଚାହିଁ ବସିଛନ୍ତି।

ରାଜ୍ୟ ସରକାରଙ୍କ କୋଭିଡ-୧୯ ମୁକାବିଲା ସାରା ଦେଶ ପାଇଁ ଉଦାହରଣ ହୋଇଛି ବୋଲି କୁହାଯାଉଛି। କରୋନା ଭୂତାଣୁ ପ୍ରତିରୋଧ ପାଇଁ ନିଆଯାଉଥିବା ସମସ୍ତ ନିଷ୍ପତ୍ତିକୁ ପ୍ରଂଶସା ମିଳୁଛି। ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଓଡିଆ ରାଜ୍ୟକୁ ଫେରିଲା ପରେ ସେମାନଙ୍କୁ ପଞ୍ଚାୟତସ୍ତରରେ ପ୍ରସ୍ତୁତ ଟିଏମ୍‌ସିରେ ସଙ୍ଗରୋଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ଟିଏମ୍‌ସି ସ୍ତରରେ ସଙ୍ଗରୋଧରେ ରହୁଥିବା ବ୍ୟକ୍ତିଙ୍କ ସୁବିଧା ଓ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ମଧ ଘୋଷଣା ହେଲା। ମାତ୍ର ପରବର୍ତ୍ତୀ ସମୟରେ ସରକାରଙ୍କ ଅନେକ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିଲାନି। ସଙ୍ଗରୋଧ ସହାୟତା ରାଶି ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ମିଳୁ ନ ଥିବା ଟିଏମ୍‌ସି ଦାୟିତ୍ୱରେ ଥିବା ଜିଲାପାଳ କ୍ଷମତାପ୍ରାପ୍ତ ସରପଞ୍ଚମାନେ ପ୍ରକାଶ କରିଛନ୍ତି। ସେହିପରି ଯେଉଁ ପ୍ରବାସୀମାନେ ସରକାରଙ୍କ ପରାମର୍ଶ ମାନି ଠିକ୍ ଭାବେ ସଙ୍ଗରୋଧ ଅବଧି ପାଳନ କରିଛନ୍ତି ସେମାନଙ୍କୁ ହିଁ ପ୍ରୋତ୍ସାହନ ରାଶି ମିଳୁଛି। ସରକାରଙ୍କ ପ୍ରଦତ୍ତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ପଞ୍ଚାୟତ ପକ୍ଷରୁ ଏହି ଟଙ୍କା ପ୍ରଦାନ କରାଯାଉଛି। ଏଥିପାଇଁ ସମ୍ପୃକ୍ତ ପ୍ରବାସୀଙ୍କୁ ସ୍ଥାନୀୟ ଆଶା ଓ ଅଙ୍ଗନଓ୍ୱାଡି କର୍ମୀଙ୍କ ନିକଟରୁ ପ୍ରମାଣପତ୍ର ମିଳିଥିବା ଆବଶ୍ୟକ। ଏହି ଜିଲାକୁ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ(ଅଧିକାଂଶ ଦାଦନ ଶ୍ରମିକ) କରୋନା ପାଇଁ ଘରକୁ ଫେରିବା ନେଇ ନାମ ପଞ୍ଜିକରଣ କରିଥିଲେ।

